# ଦି ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ୍ ଲିଃ

### ବିଡ଼ାନାସି ଶାଖା, ସେକ୍ଟର – ୬, ସି.ଡ଼ି.ଏ., କଟକ- ୧୪

### ବନ୍ଧକ ସ୍ୱର୍ଣ୍ଣ ଅଳଙ୍କାର ନିଲାମ ନୋଟିସ୍

ଏତଦ୍ୱାରା ଶାଖାର ସ୍ୱର୍ଣ୍ଣ ଋଣ ଗ୍ରହୀତା ଓ ସେମାନଙ୍କର ଆଇନସମ୍ମତ ଉତ୍ତରାଧିକାରୀ, ସ୍ୱର୍ଣ୍ଣ ବ୍ୟବସାୟୀ ଓ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବ୍ୟାଙ୍କ୍ ବାରମ୍ବାର ନୋଟିସ୍ ଦେଉଥିବା ସତ୍ତ୍ୱେ ନିମ୍ନଲିଖିତ ଋଣଗ୍ରହୀତାମାନେ ଯଥା ସମୟରେ ସେମାନଙ୍କର ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ସେମାନଙ୍କର ସମସ୍ତ ବକେୟା ଋଣ (ଋଣ ଖାତାରେ ପଇଠ ହେବା ପର୍ଯ୍ୟନ୍ତ ସମୂଳ ସୁଧ ଓ ଆନୁସାଙ୍ଗିକ ସମସ୍ତ ଖର୍ଚ୍ଚ ସହିତ) ଆସନ୍ତା ତା୦୫.୦୩.୨୦୧୮ରିଖ (ସୋମବାର) ସୁଦ୍ଧା ପରିଶୋଧ ନ କରନ୍ତି, ତାହାହେଲେ ବ୍ୟାଙ୍କ୍ ଶାଖା ଗୃହ ମଧ୍ୟରେ ସେମାନେ ବନ୍ଧକ ରଖିଥିବା ସେମାନଙ୍କର ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ ସର୍ବସାଧାରଣରେ ଆସନ୍ତା ତା୦୯.୩.୨୦୧୮ରିଖ (ଶୁକ୍ରବାର) ଦିନ ୧୧ ଘଟିକାରେ ପ୍ରକାଶ୍ୟ ନିଲାମ କରାଯିବ। ଋଣ ଗ୍ରହୀତା ବା ସେମାନଙ୍କର ଆଇନ ସମ୍ମତ ଉତ୍ତରାଧିକାରୀଙ୍କର ଏ ସମ୍ପର୍କରେ କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ବ୍ୟାଙ୍କ୍ ଦାୟୀ ହେବ ନାହିଁ। ନିଲାମ ଡାକିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଧାରିତ ଦିନ ୧୦ ଘଟିକା ସମୟରେ ଏଥିପାଇଁ ଟ.୧୦୦୦=୦୦ (ଏକ ହଜାର ଟଙ୍କା) ଅମାନତ ରୂପେ ଶାଖା ପରିଚାଳକଙ୍କ ନିକଟରେ ଜମା ରଖିବେ। କୌଣସି ବ୍ୟକ୍ତି ଡ଼ାକିଥିବା ନିଲାମ ମୂଲ୍ୟ ଯଦି ଉପଯୁକ୍ତ ବିବେଚିତ ନ ହୁଏ, ତାହାହେଲେ କୌଣସି କାରଣ ନ ଦର୍ଶାଇ ସେହି ନିଲାମକୁ ନାକଚ କରିବାର କ୍ଷମତା ବ୍ୟାଙ୍କ୍‌ର ରହିଛି। ପ୍ରକାଶ ଥାଉ କି, ଋଣ ଗ୍ରହିତାଙ୍କ ନାମରେ ଅନ୍ୟ କୌଣସି ଋଣ ଥିଲେ ବନ୍ଧକ ଗହଣା ଉପରେ ବ୍ୟାଙ୍କ୍‌ର ସେ ଋଣ ବାବଦକୁ ଅଧିକାର ରହିବ ଓ ନିଲାମ ଲବ୍ଧ ବଳକା ଟଙ୍କା ଉକ୍ତ ଋଣକୁ ମଜୁରା କରାଯିବ ଏବଂ ଆବଶ୍ୟକ ହେଲେ ବ୍ୟାଙ୍କ୍ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଧାର୍ଯ୍ୟ ନିଲାମ ତାରିଖକୁ ରଦ୍ଦ, ସ୍ଥଗିତ ବା ପରିବର୍ତ୍ତନ କରିପାରିବେ। ସର୍ବୋଚ୍ଚ ନିଲାମ ଡ଼ାକିଥିବା ବ୍ୟକ୍ତି ନିଲାମର ମୂଲ୍ୟକୁ ସେହିଦିନ ଜମା କରି ବନ୍ଧକ ସ୍ୱର୍ଣ୍ଣକୁ ଗ୍ରହଣ କରିବାକୁ ହେବ। ଯଦି ନିଲାମ ଡ଼ାକିଥିବା ବ୍ୟକ୍ତି ସେହିଦିନ ନିଲାମର ମୂଲ୍ୟ ପଇଠ ନ କରନ୍ତି ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ।

| କ୍ର.ନଂ | ସ୍ୱର୍ଣ୍ଣଋଣ ଖାତା ନଂ | ଋଣ ଗ୍ରହୀତାଙ୍କ ନାମ ଓ ଠିକଣା | ମୋଟ ସୁନାର ଓଜନ (ଗ୍ରାମରେ) |
|---|---|---|---|
| ୧. | ୭୧୧/ ୧୩୯୧୬୦୧୩୭୯୮ | ମଦନଲାଲ ଶର୍ମା<br>ପ୍ଲଟ୍‌ନଂ-6D/1480<br>ସେକ୍ଟର – ୧୦<br>ମର୍କତ ନଗର, କଟକ-୧୪ | ୪୪.୯୩୦ |
| ୨. | ୭୧୨/ ୧୩୯୧୬୦୧୩୮୦୧ | ମଦନଲାଲ ଶର୍ମା<br>ପ୍ଲଟ୍‌ନଂ-6D/1480<br>ସେକ୍ଟର – ୧୦<br>ମର୍କତ ନଗର, କଟକ-୧୪ | ୪୫.୪୯୦ |
| ୩. | ୭୪୧/ ୧୩୯୧୬୦୧୩୮୨୩ | ବସନ୍ତ କୁମାର ବେହେରା<br>ପ୍ଲଟ୍‌ନଂ-C/944<br>ସେକ୍ଟର – ୬<br>ମର୍କତ ନଗର, କଟକ-୧୪ | ୪୪.୦୦୦ |